# Akashvani, Sambalpur

## SAMBALPURI NEWS EVENING BULLETIN

## 30 June 2026-7.02- 7.12 pm.

---

୧- ଡାଲୁଆ ଧାନ୍ ଘିନା ସମିଆକେ ଆଏବା ଶୁକ୍ରବାର୍‌ତକ୍ ବଢ଼ାଲେ ସର୍‌କାର୍ ।

୨- ଭାରତୀୟ ସ୍ଥଳସେନା ମୁଖ୍ୟ ଭାବେ ଆଏଜ୍ ଦାୟିତ୍ୱ ନେଲେ ଜେନେରାଲ୍ ଧୀରଜ୍ ସେଠ୍ ।

୩- ନୂଆଁକରି ନିଯୁକ୍ତି ପାଇଥିବା ସି.ଡବ୍ଲୁ.ସି.ର ଅଧ୍ୟକ୍ଷ ଆଉ ସଦସ୍ୟମାନ୍‌କର୍ ୫ ଦିନିଆ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

୪- ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ମୁଲ୍ ହେଇଛେ ମାହାପୁରୁମାନ୍‌କର୍ ଅଣସର ଗୁପ୍ତନୀତି ।

ଆଉର୍

୫- ମୌସୁମୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହେଇଛେ ବର୍ଷା ।

ରବି ଧାନ ସଂଗ୍ରହ          ହି.ସ.

ରାଏଜେ ଡାଲୁଆ ଧାନ୍ ଘିନା ସମିଆକେ ଆଏବା ଶୁକ୍ରବାର୍‌ତକ୍ ବଢ଼ାୟାଇଛେ ବଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଚଲ୍‌ତି ବଛର୍ ସର୍‌କାର୍ ୨୦ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନ୍‌ବାର୍ ଲକ୍ଷ୍ୟ ଧାରିଜ୍ କରିଥିଲେ । ଇହାଦେତକ୍ ୧୮ ଲାଖ୍ ୭୯ ହଜାର୍ ମେଟ୍ରିକ୍ ଟନ୍ ଧାନ୍ ଘିନା ସରିଛେ । ୫ ଟା ଜିଲ୍ଲା ନ ଧାନ୍ ଘିନା ନାଇଁ ହେଇଥିବାର୍‌ନୁ ଇ ସମିଆକେ ବଢ଼ାୟାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ସେନାମୁଖ୍ୟ-ଦାୟିତ୍ୱ ଗ୍ରହଣ          ଏନ୍‌ଏସ୍‌ଡି

ଭାରତୀୟ ସେନା ଜାତୀୟ ସୁରକ୍ଷା ବାବଦ୍ ସବୁ କାମ୍ ସ୍ୱଷ୍ଟ ଲକ୍ଷ୍ୟ ଆଉ ଦାୟିତ୍ୱର୍ ସହେତେ ତୁଲାସି ବଲି ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ । ନୂଆଦିଲ୍ଲୀ ନ ଆଏଜ୍ ସେନାମୁଖ୍ୟ ପଦ୍‌ବୀନୁ ଦାୟିତ୍ୱ ହସ୍ତାନ୍ତର୍ କର୍‌ବାର୍

ସମିଥାଥି ଲେଫ୍ଟନେଂଟ୍ ଜୋନେରାଲ୍ ଦ୍ୱିବେଦୀ କହିଛନ୍, ୪୦ ବଛର୍‌ନୁ ଅଏତ୍‌କା ସମିଥା ଭାରତୀୟ ସେନାଥି ସେବା କର୍‌ବାର୍ ତାଙ୍କର୍ ଜୀବନ୍‌ର ସବୁନୁ ବଡ଼ ସମ୍ମାନ୍ ଆଉ ସଯୋଗ୍ ଥିଲା । ସ୍ଥଳସେନା, ନୌସେନା ଆଉ ବାୟୁସେନା ସଠିକ୍ ତାଲ୍‌ମେଲ୍, ନିଜର୍ ଭିତ୍‌ରେ ବିଶ୍ୱାସ ଆଉ ଗୁଟେ ଦୃଷ୍ଟିକୋଣ ସହେତେ କାମ୍ କରି ଆସୁଛନ୍ । ଲେଫ୍ଟନେଂଟ୍ ଜେନେରାଲ୍ ଦ୍ୱିବେଦୀଙ୍କର୍ ଉତ୍‌ରୁ ନୂଆଁ ସ୍ଥଳସେନା ମୁଖ୍ୟ ଭାବେ ଜେନେରାଲ୍ ଧୀରଜ୍ ସେଠ୍ ଦାୟିତ୍ୱ ନେଇଛନ୍ । ସେ ୨୦୨୮ ମସିହା ଅଗଷ୍ଟ ୩୧ ତାରିଖ୍‌ତକ୍ ଇ ଦାୟିତ୍ୱଥି ରହେବେ ।

ତୈଲ ବିପଣନ-କଟକଣା ପ୍ରତ୍ୟାହାର ଆର୍‌ଏନ୍‌ୟୁ/ କଟକ୍

ତୈଲ ବିପଣନ କମ୍ପାନୀମାନେ ଖୁଚ୍‌ରା ଦୁକାନ୍ ଜରିଏ ମୋଟର୍ ସ୍ପିରିଟ୍ ଆଉ ଉଚ୍ଚା ଗତି ଥିବା ଡିଜେଲ୍‌ର ବିକ୍ରି ଆଉ ବଂଟନ୍ ନିୟନ୍ତ୍ରଣ୍‌କେ ନେଇକରି ଜାରି ହେଇଥିବା ଅସ୍ଥାୟୀ ନିୟମ୍‌କେ

କେନ୍ଦ୍ର ସର୍‌କାର୍ ଉଠେଇ ଦେଇଛନ୍ । ଆଏବା କାଏଲ୍‌ଠାନୁ ଇଟା ଲାଗୁ ହେବା ବଲି ପେଟ୍ରୋଲିୟମ୍ ଆଉ ପ୍ରାକୃତିକ୍ ବାଷ୍ପ ମନ୍ତ୍ରଣାଲୟ ତର୍‌ଫୁ ସୂଚ୍‌ନା ମିଲିଛେ । ପଶ୍ଚିମ ଏସିଆ ପରିସ୍ଥିତି ଲାଗି ଇ ମାସ ୧୨ ତାରିଖ୍ କେନ୍ଦ୍ର ସର୍‌କାର୍ ପେଟ୍ରୋଲ୍ ଆଉ ଡିଜେଲ୍‌ର ଦାମ୍‌କେ ସ୍ଥିର ରଖିବାର୍ ଲାଗି ଇ କଟ୍‌କନା ଜାରି କରିଥିଲେ ।

+୨ ଇନ୍‌ଷ୍ଟାଂଟ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ତର୍‌ଫୁ ପରିଚାଳିତ ଯୁକ୍ତ ଦୁଇ ଇନ୍‌ଷ୍ଟାଂଟ୍ ଆଉ ଇମ୍ପ୍ରୁଭ୍‌ମେଂଟ୍ ପରୀକ୍ଷା ଆଏବା ୩ ତାରିଖଥି ହେବା । ଗୁଟେ ବିଷେଥି ପାସ୍ ନାଇଁ ହେଇଥିବା ପରୀକ୍ଷାର୍ଥୀଙ୍କୁ ଇନ୍‌ଷ୍ଟାଂଟ୍ ପରୀକ୍ଷା ଦେବାର୍ ସୁଯୋଗ୍ ମିଲ୍‌ବା । ଚଲ୍‌ତି ବଛର୍ ପହେଲାଥର୍ ଲାଗି ଇମ୍ପ୍ରୁଭ୍‌ମେଂଟ୍ ପରୀକ୍ଷା ମୁଲ୍ ହେଇଛେ । କେନ୍‌ସି ବିଷେଥି କମ୍ ମାର୍କ ରଖିଥିବା ପରୀକ୍ଷାର୍ଥୀ ଇ ଇମ୍ପ୍ରୁଭ୍‌ମେଂଟ୍ ପରୀକ୍ଷା

ଦେଇପାର୍‌ବେ । ଇଥିର୍‌ଲାଗି ମୋଟ୍ ୩୨ ଟା ପରୀକ୍ଷ କେନ୍ଦ୍ର କରାଯାଇଥିବା ପରିଷଦ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଇ ବଛର୍ ମୋଟ୍ ୪ ହଜାର୍ ୬ ଶହ ୫ନ୍ ଛାତ୍ରଛାତ୍ରୀ ଇମ୍ପ୍ରୁଭ୍‌ମେଂଟ୍ ପରୀକ୍ଷା ଲାଗି ଆବେଦନ୍ କରିଛନ୍ । ସେଆଡ୍ ଯୁକ୍ତ ଦୁଇ ପରୀକ୍ଷା ଖାତାର୍ ଫେର୍‌ଘାଏ ଯାଂଚ୍ ଲାଗି ଆବେଦନ୍ ସମିଆକେ ଆଏବା ୪ ତାରିଖ୍‌ତକ୍ ବଢ଼ାଯାଇଛେ ।

ଶିଶୁମଙ୍ଗଳ ସମିତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ୍ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ସବୁ ଜିଲ୍ଲାର୍ ନୂଆଁକରି ନିଯୁକ୍ତି ପାଇଥିବା ଶିଶୁମଙ୍ଗଳ ସମିତି - ସି.ଡବ୍ଲୁ.ସି.ର ଅଧ୍ୟକ୍ଷ ଆଉ ସଦସ୍ୟମାନ୍‌କର୍ ଲାଗି ହେଇଥିବା ୫ ଦିନିଆ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌କେ ଆଏଜ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍, ଛୁଆମାନେ ଦେଶର୍ ଅମୂଲ୍ୟ ସମ୍ପଦ୍, ସେମାନ୍‌କର୍ ଅଧିକାର୍‌ର ସୁରକ୍ଷା ଖାଲି ସର୍‌କାର୍‌ଙ୍କର୍ ଦାୟିତ୍ୱ ନୁହେଁ, ସମାଜ୍‌ର ସାମୂହିକ୍ ଦାୟିତ୍ୱ

ଆଏ । କିଶୋର ନ୍ୟାୟ ଅଧିନିୟମ୍ -୨୦୧୫ ବାବ୍‌ଦେ ଶିଶୁ ମଙ୍ଗଲ ସଦସ୍ୟ ମାନ୍‌କର୍ ଆଇନ୍‌ଗତ ଜ୍ଞାନକେ ବଢ଼ାବାର୍, ଯତନ୍ ଆଉ ସୁରକ୍ଷା ଦର୍‌କାର୍ ଥିବାର୍ ଛୁଆମାନ୍‌କ ଥଇଥାନ୍ କର୍‌ବାର୍ ସହେତେ ସେମାନ୍‌କୁ ସମାଜ୍‌ର ମୁଖିଆ ସ୍ରୋତକେ ଆନ୍‌ବାର୍ କ୍ଷେତ୍ରଥି ସେମାନ୍‌କର୍ ଭୂମିକା ଆଉ ଦାୟିତ୍ୱକେ ଅଏତ୍‌କା ବର୍‌କସ୍ କର୍‌ବାର୍‌ଟା ଇ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ର ମୂଲ୍ ଉଦ୍ଦେଶ୍ୟ ଆଏ ।

ଅଣସର- ଅଲାରନାଥ ଦର୍ଶନ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ମାହାପୁରୁମାନ୍‌କର୍ ଅଣସର ଗୁପ୍ତନୀତି ମୁଲ୍ ହେଇଛେ । ଶ୍ରୀବଳଭଦ୍ରଙ୍କର୍ ଜାଗାଥି ଅନନ୍ତ ବାସୁଦେବ, ସୁଭଦ୍ରାଙ୍କର୍ ଜାଗାଥି ମା' ଭୁବନେଶ୍ୱରୀ, ଶ୍ରୀଜଗନ୍ନାଥଙ୍କରଙ୍କ ଜାଗାଥି ଅନନ୍ତ ନାରାୟଣ ଆଉ ସୁଦର୍ଶନଙ୍କର୍ ଜାଗାଥି ପତିତପାବନ ପୂଜା ପାଉଛନ୍ । ପଛିଦିଅଁଙ୍କ ସହେତେ ଖଟ୍ ଉପ୍‌ରେ ଦୋଳଗୋବିନ୍ଦ, ରାମ, ନୃସିଂହ, ଭୂଦେବୀ, ଶ୍ରୀଦେବୀ,

ମଦନମୋହନ, ଶ୍ରୀକୃଷ୍ଣଙ୍କୁ ଭିଲ୍ ପୂଜା କରାଯାଉଛେ । ମଙ୍ଗଳ ଆଳତୀ ନୁ ନେଇକରି ସବୁ ପୂଜାବିଧି କରାଯିବାର୍ ସହେତେ ମହାପ୍ରସାଦ୍ ଲାଗି କରାଯାଇଛେ । ଗଲାକାଏଲ୍ ମହାପୁରୁମାନ୍‌କୁ ଗୋଟିପହଣ୍ଡିଥି ସ୍ନାନବେଦୀନୁ ଅଣସର ଘର୍‌କେ ବିଜେ କରାଯାଇଥିଲା । ପହଣ୍ଡି ଶେଷ୍ ହେବାର୍ ଉତ୍‌ରୁ ସୁବର୍ଣ୍ଣ ଚିତା ଆଉ ରାହୁ ରେଖା ଓଲାଗି ହେଇଥିଲା ।

ଜର୍ କମ୍ କର୍‌ବାର୍ ଲାଗି ଶ୍ରୀଜୀଉଙ୍କର୍ ଶ୍ରୀଅଙ୍ଗଥି ଫୁଲୁରି ତେଲ ଲାଗି କରାଯିବା । ରାଜବୈଦ୍ୟ ତିଆର୍ କରୁଥିବା ଦଶମୂଳ ମହୌଷଧି ଖାଏଲା ଉତ୍‌ରୁ ମାହାପୁରୁମାନେ ସୁସ୍ଥ ହେବେ । ଇ ସମିଆ ଭିତ୍‌ରେ ଶ୍ରୀମନ୍ଦିର୍ ନ ପଛିଦିଅଁଙ୍କୁ ପୂଜା କରାଯିବାର୍ ପରମ୍ପରା ରହିଛେ ।

ସେଆଡ଼େ ବ୍ରହ୍ମଗିରି ନ ଥିବା ପ୍ରଭୁ ଅଲାର୍‌ନାଥଙ୍କର୍ ପୀଠ ନ ଆଏଜ୍‌ଠାନୁ ଦର୍ଶନ୍ ମୁଲ୍ ହେଇଛେ । ଶ୍ରଦ୍ଧାଳୁମାନେ ଆଏବା ୧୪ ଦିନ୍ ଧରିକରି ମାହାପୁରୁଙ୍କର୍ ଦର୍ଶନ୍ କରିପାର୍‌ବେ ।

ପହପହ ୪ ବଜେନୁ ମନ୍ଦିର୍ ଦ୍ୱାରଫିଟା ଉତ୍‌ରୁ ମଙ୍ଗଳ ଆଳତୀ, ଗୋପାଳ ବଲ୍ଲଭ ନୀତି ଶେଷ୍ ହେବାର୍ ଉତ୍‌ରୁ ସଖାଲର୍ ୬ ବଜେନୁ ଦୁଇ ପହରର୍ ୧ ବଜେତକ୍ ଭକ୍ତମାନେ ମାହାପୁରୁଙ୍କୁ

ଦର୍ଶନ୍ କରିପାର୍‌ବେ । ମଧ୍ୟାହ୍ନ ଧୂପ ଉତ୍‌ରୁ ଫେର୍‌ଥରେ ଦିନର୍ ୨ ବଜେନୁ ରାତିର୍ ୧୦ ବଜେତକ୍ ମନ୍ଦିର୍ ଖୁଲା ରହେବା ବଲି ନିଯୋଗ୍ ତର୍‌ଫୁ କୁହାଯାଇଛେ । ଶାନ୍ତିଶୃଙ୍ଖଲା ରକ୍ଷା ଲାଗି ପୁଲିସ୍ ପ୍ରଶାସନ୍ ତର୍‌ଫୁ ବ୍ୟାପକ୍ ବ୍ୟବସ୍ଥା କରାଯାଇଛେ ।

ମହାପ୍ରଭୁଙ୍କର୍ ଗୁପ୍ତ ସେବା ନୀତି ବାବ୍‌ଦେ ଶ୍ରୀମନ୍ଦିର୍ ସଂସ୍କୃତି ଗବେଷକ ଶରତ ମହାନ୍ତି, ଆକାଶବାଣୀକେ କହିଛନ୍,

(ଭଏସ୍ ଓଭର୍- ଶରତ୍ ମହାନ୍ତି)

ସେଆଡ଼େ ତିନ୍‌ହି ରଥର୍ ପର୍‌ଭା ଲଗାବାର୍ ଲାଗି ବେଦୀ ପଛ୍‌ଆଡ଼ର ୧୪ ନାହାକାଥି ଗୁଟେ ଲେଖା ଧୁଲି ଦଣ୍ଡା ଲଗାଯାଇଛେ । ଇହାଦେ ରଥ ତିଆର୍ କାମ୍ ଶେଷ୍ ଖେପେ ପୁହୁଁଚିଛେ ।

ସୁବର୍ଣ୍ଣପୁର୍‌ର ପାତାଳି ଶ୍ରୀକ୍ଷେତ୍ର ସହେତେ ଜିଲ୍ଲାର୍ ଜଗନ୍ନାଥ୍ ଗୁଡ଼ିମାନ୍‌କେ ଦେବସ୍ନାନ ପୁର୍ଣ୍ଣିମା ପର୍ବ ଉତ୍‌ରୁ ଆଏଜ୍‌ଠାନୁ ଅଣସରଥି ଅଛନ୍ । ପାତାଳି ଶ୍ରୀକ୍ଷେତ୍ର ନ ତ୍ରୀକୁଟ ପାହାଡ଼ ଛଳିଆ ଶୀଖର୍ ନ ଥିବା ମନ୍ଦିର୍ ନ ପଟ୍ଟିଦିଅଁଙ୍କୁ ପୂଜା କରାଯାଇକରି ସକାଳ ଧୂପ ଆଉ ତ୍ରିଆଳତୀ ଦେବାର୍ ଉତ୍‌ରୁ ଶ୍ରଦ୍ଧାଳୁମାନେ ଦର୍ଶନ୍ କରୁଛନ୍ ।

ସୋସିଆଲ୍ ମିଡିଆ ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ସାମାଜିକ୍ ଗଣମାଧ୍ୟମ୍ / ସୋସିଆଲ୍ ମିଡ଼ିଆର୍ ଗୁରୁତ୍ୱ ବାବ୍‌ଦେ ସମ୍‌କୁ ଜନାବାର୍ ଲକ୍ଷ୍ୟ ନେଇକରି ଆଏଜ୍ ବିଶ୍ୱ ସୋସିଆଲ୍ ମିଡ଼ିଆ ଦିବସ୍ ପାଲନ୍ କରାଯାଉଛେ । ସାମାଜିକ୍ ଗଣମାଧ୍ୟମ୍‌କେ ବିଶ୍ୱ ଯୋଗାଯୋଗ କ୍ଷେତ୍ରଥି ଗୁଟେ ପ୍ରମୁଖ୍ ମାଧ୍ୟମ୍ ହିସାବେ ଦେଖାଯାଏସି । ଫି’ ବଛର୍ ଜୁନ୍ ୩୦ ତାରିଖ୍ ଆଝିର୍ ଦିନ୍‌କେ ଇ ଦିବସ୍ ହିସାବେ ପାଲନ୍ କରାଯାଉଛେ ।

ସାମାଜିକ୍ ଗଣମାଧ୍ୟମ୍ ଇହାଛିନିର୍ ସମିଆଥି ମୁନୁଷ୍‌ର ଜୀବନ୍‌ଶୈଲୀ, ଶିକ୍ଷା, ସମ୍ବାଦ, ବ୍ୟବସାୟ, ମନୋରଞ୍ଜନ୍ ଆଉ ସାମାଜିକ୍ ସଂଯୋଗ୍‌ର ମାଧ୍ୟମ୍ ହେଇଛେ । ସୂଚ୍‌ନାର୍ ତୁର୍‌ତି ଦିଆନିଆ ସହେତେ ଲୁକ୍‌କର୍ ଭିତ୍‌ରେ ଦୂରତା କମିଛେ ।

୨୦୧୦ ମସିହାଥି ଆମେରିକାର୍ ପ୍ରସିଦ୍ଧ ପ୍ରଯୁକ୍ତି ୱେବ୍‌ସାଇଟ୍ ମାସେବଲ୍ ଇ ଦିବସ୍ ପାଲନ୍ ମୁଲ୍ କରିଥିଲେ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ସାରା ପୁର୍‌ଥିର୍ ଲୁକ୍‌କୁ ଏକ୍ କର୍‌ବାର୍, ଚିନ୍ତାଧାରାର୍ ଦିଆନିଆ ଆଉ ସକାରାତ୍ମକ୍ ପରିବର୍ତ୍ତନ୍‌କେ

ପ୍ରୋତ୍ସାହିତ୍ କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୂଲ୍ ଉଦ୍ଦେଶ୍ୟ ଆଏ ।
ବିପଦ୍ ସମିଆଥି ଉଦ୍ଧାର୍ କାମ୍ ରକ୍ତଦାନ୍ ଅଭିଯାନ୍, ସାମାଜିକ୍ ସାହାଜ୍, ସର୍‌କାରୀ ସୂଚ୍‌ନାର୍ ପ୍ରସାର୍ ଆଉ ବେପାର୍‌ର ଅଭିବୃଦ୍ଧି କ୍ଷେତ୍ରଥି ସାମାଜିକ୍ ଗଣମାଧ୍ୟମ୍‌ର ବହୁତ୍ ବଡ଼ ଭୂମିକା ରହିଛେ ।

ଇହାଦେର୍ ସମିଆଥି ଯୁଆନ୍ ପିଢ଼ି ସାମାଜିକ୍ ଗଣମାଧ୍ୟମ୍‌ନୁ ରୋଜ୍‌ଗାର୍ କର୍‌ବାର୍ ସହେତେ ନିଜ୍‌କେ ସଫଲ୍ ଉଦ୍ୟୋଗୀ କରିପାରିଛନ୍ । କଂଟେଂଟ୍ କ୍ରିଏଟର୍, ରିଲ୍ସ ଆଉ ବହୁତ୍ ବ୍ୟବସାୟ ଇତାର୍ ଜରିଏ ସଫଲତା ପାଉଛେ ।

ସାମାଜିକ୍ ଗଣମାଧ୍ୟମ୍‌ର ସକାରାତ୍ମକ୍ ଦିଗ୍ ସହେତେ ବହୁତ୍‌ଟେ ପ୍ରତିବନ୍ଧକ୍ ଭିଲ୍ ରହିଛେ । ମିଛ୍ ଖବର୍ ଫଏଲାବାର୍, ସାଇବର୍ ଠକେଇ ଆଉ ମାତ୍ରାଧିକ୍ ବେଭାର୍ ଲାଗି ମାନସିକ୍ ସ୍ୱାସ୍ଥ୍ୟ ଉପ୍‌ରେ ନକାରାତ୍ମକ୍ ପ୍ରଭାବ୍ ଭିଲ୍ ପଡ଼୍‌ସି । ଇହାଦେର୍ ପୁର୍‌ଥିର୍ ୫ ଦଶ୍‌ମିକ୍ ୭/୯ ବିଲିୟନ୍ ଲୋକ୍ ସାମାଜିକ୍ ଗଣମାଧ୍ୟମ୍ ବେଭାର୍ କରୁଛନ୍ ।

ଆଇଆଇଏମ୍‌ସି ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଢେଙ୍କାନାଲ୍ ନ ଥିବା ଭାରତୀୟ ଜନସଂଚାର୍ ସଂସ୍ଥାନ୍-ଆଇଆଇଏମ୍‌ସି ଥି ୨୦୨୬-୨୭ ଶିକ୍ଷା ବଛର୍ ଲାଗି ନାଁଲେଖା ପ୍ରକ୍ରିୟା ଜାରି ରହିଛେ । ଆଏବା ମାସ ୩ ତାରିଖ୍ ସଖାଲର୍ ୧୧ ବଜେ ପତ୍ର ସୂଚନା କାର୍ଯ୍ୟାଳୟ-ଭୁବ୍‌ନେଶ୍ୱର୍, ଆକାଶ୍‌ବାଣୀ କାର୍ଯ୍ୟାଳୟ ସମ୍ବଲ୍‌ପୁର୍ ଆଉ ୧୭ ତାରିଖ୍ ଆଇଆଇଏମ୍‌ସି ଢେଙ୍କାନାଲ୍ ପରିସର୍ ନ ସ୍ୱଟ୍ ଏଡ୍‌ମିଶନ୍ ଆଉ ସାକ୍ଷାତ୍‌କାର୍ ହେବା । ଇଚ୍ଛୁକ ଛାତ୍ରଛାତ୍ରୀମାନେ ୯୯୩୭୮-୮୧୨୮୫ ନମ୍ବର୍‌ଥି ଯୋଗାଯୋଗ୍ କରିପାର୍‌ବେ ।

ଦିଶା ବୈଠକ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଉନ୍ନୟନ୍, ସମନ୍ୱୟ ଆଉ ପର୍ଯ୍ୟାଲୋଚନା ସମିତି ଦିଶାର ବୈଠକ୍ ଆଏଜ୍ ସାଂସଦ୍ ମାଳବିକା ଦେବୀଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ହେଇଯାଇଛେ ।

ବୈଠକ୍‌ଥି ଜିଲ୍ଲା ନ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନାର୍ ଅଗ୍ରଗତିର୍ ସମୀକ୍ଷା କରାଯାଇଥିଲା । ସାଂସଦ୍ ମାଳବିକା ଦେବୀ ସବୁ ବିଭାଗୀୟ ଅଧିକାରୀମାନ୍‌କୁ ଯୋଜ୍‌ନା ମାନ୍‌କର୍ ଫଳପ୍ରଦ କାର୍ଯ୍ୟକାରିତା ଆଉ ସମିଆ ଭିତ୍‌ରେ କାମ୍ ଶେଷ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଖାସ୍ କରି ଗାଁ ମାନ୍‌କେ ପିଇବାର୍ ପାଏନ୍ ଯୁଗାବାର୍ ବ୍ୟବସ୍ଥାକେ ତୁର୍‌ତି କର୍‌ବାର୍ ଲାଗି ସେ ଜୋର୍ ଦେଇଛନ୍ ।

ଜିଲ୍ଲାପାଳ କ୍ଷେତ୍ର ପରିଦର୍ଶନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ବିକାଶ୍‌ମୂଳକ୍ କାମ୍ ମାନ୍‌କୁ ଅଏତ୍‌କା ଗତିଶୀଳ ଆଉ ଲୋକାଭିମୁଖୀ କର୍‌ବାର୍ ଲାଗି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍, କଂଟାମାଲ୍ ବ୍ଲକ୍‌ର ଭିନ୍ ଭିନ୍ ସର୍‌କାରୀ ପ୍ରକଳ୍ପ ଆଉ ଅନୁଷ୍ଠାନ୍‌ର କ୍ଷେତ୍ର ପରିଦର୍ଶନ୍ କରିଛନ୍ । ଇ ସମିଆଥି ଜିଲ୍ଲାପାଲ୍ କର୍‌ମାପଦର୍ ଆଉ ଶୁଣ୍ଠିପଦର୍ ଧାନ୍

ମଣ୍ଡିକେ ଯାଇକରି ଚାଷୀମାନ୍‌କର୍ ସାଙ୍ଗେ ସିଧାସଲଖ୍ ଆଲୋଚନା କରିଛନ୍ । ଧାନ୍ ଘିନା ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ସହେତେ ମିଲର୍ ମାନେ ଜଲ୍‌ଦି ଧାନ୍ ଉଠାବାର୍‌କେ ସମ୍ପୃକ୍ତ ଅଧିକାରୀମାନ୍‌କୁ ସେ ନିର୍ଦ୍ଦେଶ୍ ଦେଇଛନ୍ ।

ସ୍କୁଲ୍ ସମିଆ- ଶିକ୍ଷାବିଭାଗ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଖରାର୍ ପ୍ରକୋପ୍ କମିଥିବାର୍‌ନୁ ସୁବର୍ଣ୍ଣପୁର୍ ଜିଲ୍ଲାର୍ ସବୁ ସ୍କୁଲ୍ ଆଏବା କାଏଲ୍‌ଠାନୁ ୧୦ ନୁ ୪ ବଜେତକ୍ ଧାରିଜ୍ ସମିଆଥି ଖୁଲ୍‌ବାର୍‌କେ ଜିଲ୍ଲାପାଲ୍ ଜିଲ୍ଲା ଶିକ୍ଷା ବିଭାଗ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଆଗ୍‌ରୁ ଜବର୍ ଖରା ଆଉ ତାତିକେ ନଜର୍‌ଥି ରଖିକରି ସଖାଲ୍‌ପଢ଼ା ଲାଗି ପ୍ରଶାସନିକ୍ ସ୍ତର୍‌ଥି ନିଷ୍ପତି ନିଆଯାଇଥିଲା । ଆଏଜ୍ ଇ ବାବ୍‌ଦେ ଗୁଟେ ଖାସ୍ ନିର୍ଦ୍ଦେଶ୍‌ନାମା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ବାହାରିଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଉ କଟକ୍‌ର କେତେଟା ଜାଗା ନ ବର୍ଷା ହେଇଯାଇଛେ । ଉତର୍ ବଙ୍ଗୋପ୍‌ସାଗର୍ ପାଖର୍ ଦକ୍ଷିଣ ବାଂଲାଦେଶ୍ ସମୁଦ୍ରଖଁଡ଼ି ଇଲାକା ନ ଗୁଟେ ଘୂର୍ଣ୍ଣିବଲୟ ସକ୍ରିୟ ରହିଛେ । ଆଏବା ଶୁକ୍ରବାର୍ ତକ୍ ଉତର୍‌ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ଇତାର୍ ଆଖର୍‌ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ ।

ଇ ବାବ୍‌ଦେ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ଡକ୍ଟର୍ ମନୋରମା ମହାନ୍ତି କହିଛନ୍..

(ଭଏସ୍ ଓଭର୍- ମନୋରମା ମହାନ୍ତି)